DHARITRI.COM

Vol VII Issue No.239 Tuesday, 29 August 2006






previous || next

# ରାଜ୍ୟରେ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ ସ୍ଥାପନ ଘୋଷଣା

Click to enlarge text: A A A A

ଆକୃଷ୍ଟ କରାଇବା ପାଇଁ ବିଶ୍ୱସ୍ତରୀୟ ପାଠ୍ୟକ୍ରମ ଯୋଗାଇବା ସହ ଷ୍ଟାଇପେଣ୍ଡ ଏବଂ ରିସର୍ଚ୍ଚ ସୁବିଧା ଯୋଗାଇଦିଆଯିବ । ଏହି ଅନୁଷ୍ଠାନ ୨ଟି ପର୍ଯ୍ୟାୟରେ ପ୍ରତିଷ୍ଠା ହେବ । ପ୍ରାଥମିକ ଅବସ୍ଥାରେ ଏହି ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ଠାରେ କାର୍ଯ୍ୟ ଆରମ୍ଭ କରିବ । ଏଠାରେ  ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୈବବିଜ୍ଞାନ ଏବଂ ଗଣିତ ଶିକ୍ଷା ଦିଆଯିବ । ଦ୍ୱିତୀୟ ପଯର୍ୟାୟରେ ଭୁବନେଶ୍ୱରର ଯେ କୌଣସି ଗୋଟିଏ ସ୍ଥାନରେ ୨୦୦ ଏକର ଜମିରେ ଏହାର ସମ୍ପ୍ରସାରଣ କରାଯିବ । ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ହେବା ପରେ ଏହା ଟାଟା ଇନଷ୍ଟିଚ୍ୟୁଟ ଅଫ ଫଣ୍ଡାମେଂଟାଲ  ରିସର୍ଚ୍ଚ ଏବଂ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ(ଆଇଆଇଏସସି) ସହ ସମକକ୍ଷ ହେବ ବୋଲି ଶ୍ରୀ ସିଂ କହିଥିଲେ । ଏହି ଅବସରରେ ରାଜ୍ୟପାଳ ରାମେଶ୍ୱର ଠାକୁର ଯୋଗଦେଇ ପ୍ରଧାନମନ୍ତ୍ରୀ ତଥା ସରକାରଙ୍କର ନିଷ୍ପତ୍ତି ପାଇଁ ଧନ୍ୟବାଦ ଦେବା ସହ ଉକ୍ତ ଅନୁଷ୍ଠାନକୁ ଅନ୍ତରାଷ୍ଟ୍ରୀୟ ମାନର କରିବା ପାଇଁ ଆଶାପ୍ରକାଶ କରିଛନ୍ତି । ଏଠାରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାବାସୀ ଦୀର୍ଘସମୟ ଧରି ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ପାଇଁ ଦାବି କରୁଥିବା କହିଥିଲେ । ମୁରଲୀ ମନୋହର ଯୋଶୀଙ୍କ ଦ୍ୱାରା ଭୁବନେଶ୍ୱରରେ ଏହି ଅନୁଷ୍ଠାନ ସ୍ଥାପନ ପାଇଁ ୨୦୦୩ ଜୁଲାଇରେ ଘୋଷଣା କରାଯାଇଥିଲେ ମଧ ପରବର୍ତ୍ତୀ ସମୟରେ ଏହି ନିଷ୍ପତ୍ତି ପ୍ରତ୍ୟାହାର କରାଯାଇଥିଲା । ତେଣୁ ରାଜ୍ୟରେ ଏପରି ଏକ ମାନର ଅନୁଷ୍ଠାନ ସ୍ଥାପନ କରାଯିବା ଉଚିତ୍ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ସରକାର ଏହି ଅନୁଷ୍ଠାନକୁ ପୁଣେ ଏବଂ କଲିକତାଠାରେ ହେବାକୁ ଥିବା ବିଜ୍ଞାନ ପ୍ରତିଷ୍ଠାନ ସ୍ତରର କରିବା ଉଚିତ୍ ବୋଲି ସେ ପରାମର୍ଶ ଦେଇଥିଲେ । ଏଠାରେ ଅନ୍ୟମାନଙ୍କ ମଧରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ମନ୍ତ୍ରୀ ପୃଥ୍ୱୀରାଜ ଚୌହାନ,କେନ୍ଦ୍ର ଶ୍ରମ ରାଷ୍ଟ୍ର ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ସମୀର ଦେ, ଆଣବିକ ଶକ୍ତି ବିଭାଗର  ସଚିବ ଅନିଲ କାକୋଡକର, ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ୱାଇ.ପି.ଭିୟୋଗୀ  ପ୍ରମୁଖ ଉପସ୍ଥିତ ଥିଲେ ।

previous || next

**Madden NFL 07**
It's Here at Circuit City Shop Now for Video Games.
www.circuitcity.com
Ads by Google - Advertise on this site

©2004 Dharitri All Rights Reserved.
Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.